# Akashvani, Sambalpur

## SAMBALPURI NEWS EVENING BULLETIN

**28 January 2026 - 7.02 pm- 7.12 pm.**

*********************************************

୧- ଭାରତ୍ ଗଲା ଦଶନ୍ଧି ଭିତ୍‌ରେ ସବୁ କ୍ଷେତ୍ର ନ ତାର୍ ଥିତି ମଜ୍‌ବୁତ୍ କରିପାରିଛେ- କହେଲେ ରାଷ୍ଟ୍ରପତି ।

- ସଂସଦ୍ ବଜେଟ୍ ଅଧିବେଶନ୍‌ର ପହେଲା ଦିନେ ଦୁହି ଗୃହର୍ ମିଳିତ୍ ଅଧିବେଶନ୍‌କେ କଲେ ସମ୍ବୋଧନ୍ ।

୨- ରାଉର୍‌କେଲା ନ ଏଂଟର୍‌ପ୍ରାଇଜ୍ ଓଡ଼ିଶା କାର୍ଯ୍ୟକ୍ରମ୍‌ଥି ୨୩ ଟା ଶିଳ୍ପ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କଲେ ମୁଖ୍ୟମନ୍ତ୍ରୀ ।

୩- ମହାରାଷ୍ଟ୍ରର୍ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାଓ୍ୱାର୍‌ଙ୍କର୍ ବିମାନ୍ ଦୁର୍ଘଟଣାଥି ପରଲୋକ ।

ଆଉର୍

୪- ଠିକାଦାର୍ ଡାଟାବେସ୍ ମେନେଜ୍‌ମେଂଟ୍ ସିଷ୍ଟମ୍ - ୩ ନମ୍ବର୍ ଖେପ୍‌ର ଶୁଭାରମ୍ଭ କଲେ ପୂର୍ତମନ୍ତ୍ରୀ ।

ଭାରତ୍ ଗଲା ଦଶନ୍ଧି ଭିତ୍‌ରେ ସବୁ କ୍ଷେତ୍ର ନ ତାର୍ ଥିତି ମଜ୍‌ବୁତ୍ କରିପାରିଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ବଜେଟ୍ ଅଧିବେଶନ୍‌ର ପହେଲା ଦିନେ ସଂସଦ୍‌ର ଦୁହି ଗୃହର୍ ମିଲିତ୍ ଅଧିବେଶନ୍‌କେ ସମ୍ବୋଧନ୍ କରିକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍, କେନ୍ଦ୍ର ସର୍‌କାର୍‌ଙ୍କର୍ ବର୍‌କସ୍ ନୀତି ଆଉ ପଦକ୍ଷେପ୍ ଲାଗି ଦେଶେ କୃଷି ଉତ୍ପାଦନ୍ କ୍ଷେତ୍ରର ଅଭିବୃଦ୍ଧି ବହୁତ୍ ହେଇଛେ । ଖାଦ୍ୟ ଶସ୍ୟ ଆଉ ଉଦ୍ୟାନ୍ କୃଷି କ୍ଷେତ୍ରଥି ଦେଶେ ରେକର୍ଡ୍ ପରିମାଣ୍‌ଥି ଉତ୍ପାଦନ୍ ହେଇଛେ । ଖାଏବାର୍ ତେଲ୍ ଆର୍ ଦାଏଲ୍ ଆମ୍‌ଦାନୀ କମ୍ କର୍‌ବାର୍ ଲାଗି ସର୍‌କାର୍ ଜାତୀୟ ମିଶନ୍ ଗଠନ୍ କରିଛନ୍ । ଦେଶ୍ ମାଛ୍ ଉତ୍ପାଦନ୍‌ଥି ପୁର୍‌ଥିର୍ ୨ ନମ୍ବର୍ ଠାନେ ରହିଛେ । କୃଷି କ୍ଷେତ୍ରଥି ସର୍‌କାର୍ ଆତ୍ମନିର୍ଭର୍ ହେବାର୍ ଲାଗି ଅହରହ ଚେରେଷ୍ଟା ଚଲେଇଛନ୍ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ରାଷ୍ଟ୍ରପତି ଆହୁରି କହିଛନ୍, ଇ ଦଶନ୍ଧିର୍ ଶେଷ୍ ବେଲ୍‌ତକ୍ ଭାରତ୍ ୫ ଶହ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ୍ ଲକ୍ଷ୍ୟ ହାସଲ୍ କର୍‌ବା । ଗାଁ ଇଲାକାର୍ ବିକାଶ୍ ଲାଗି ସର୍‌କାର୍ ବିକଶିତ ଭାରତ ଜି ରାମ୍‌ଜୀ ଆଇନ୍ ଆନିଛନ୍ । ଇତାର୍ ଜରିଏ ଗାଁ

ଇଲାକାର୍ ଲୁକ୍‌କୁ ଶହେ ୨୫ ଦିନର୍ ରୋଜ୍‌ଗାର୍ ସୁନିଶ୍ଚିତ୍ କରାଯିବା ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି- ବିଭିଜିରାମ୍‌ଜୀ)

ରାଷ୍ଟ୍ରପତି କହିଛନ୍, ଆତଙ୍କ୍‌ବାଦ୍‌କେ ମୁଲ୍‌ହୁ ଶେଷ୍ କର୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ । ଏବ୍‌ତକ୍ ୨ ହଜାର୍‌ନୁ ଅଏତ୍‌କା ନକ୍ସଲ୍ ଆତ୍ମସମର୍ପଣ୍ କରିଛନ୍ । ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାଥି ଗଲାବଛର୍ ଅଢ଼େଇ କୋଟି ନୁ ଅଏତ୍‌କା ଲୁକ୍‌କୁ ମାହାଲିଆ ଚିକିତ୍ସା ସୁବିଧା ଯୁଗେଇ ଦିଆଯାଇଛେ ।

ରାଷ୍ଟ୍ରପତି ଆହୁରି କହିଛନ୍, ଗଲା ଦଶନ୍ଧି ଭିତ୍‌ରେ ଦେଶର୍ ୨୫ କୋଟିନୁ ଅଏତ୍‌କା ଲୁକ୍‌କୁ ଦରିଦ୍ରତା ଭିତ୍‌ରୁ ବାହାର୍ କରାଯାଇଛେ । ୪ କୋଟି ଲୁକ୍‌କୁ ପକ୍କା ଘର୍ ଦିଆଯାଇଛେ । ସାଢ଼େ ୧୨ କୋଟି ଲୁକ୍‌କୁ ପାଇପ୍ ଜରିଏ ସଫା ପିଇବାର ପାଏନ୍ ଯୁଗେଇ ଦିଆଯାଇଛେ । ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ଇ ସମିଆ ସବୁନୁ ବଡ଼ ଆଧାର୍ ହେଇପାରିଛେ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ । ଭାରତ୍ ଆଉ ୟୁରୋପୀୟ ରାଷ୍ଟ୍ର ଭିତ୍‌ରେ ହେଇଥିବା ମୁକ୍ତ ବାଣିଜ୍ୟ ରାଜିନାମାକେ ରାଷ୍ଟ୍ରପତି ଗୁଟେ ଐତିହାସିକ୍ ପଦକ୍ଷେପ୍ ବଲି କହିଛନ୍ ।

ରାଷ୍ଟ୍ରପତିଙ୍କର୍ ବଜେଟ୍ ଅଭିଭାଷଣ୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବିସ୍ତୃତ୍ ଆଉ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଏ ବଲି କହିଛନ୍ । ସଂସଦ୍ ନ ରାଷ୍ଟ୍ରପତିଙ୍କର୍ ଉଦ୍‌ବୋଧନ୍ ଏଛ୍‌ନିର୍ ସମିଆଥି

ଭାରତ୍‌ର ଉଲ୍ଲେଖନୀୟ ବିକାଶ୍ ଯାତ୍ରାକେ ପ୍ରତିଫଳିତ କରୁଛେ । ଅଭିଭାଷଣ୍‌ଥି ରାଷ୍ଟ୍ରପତି ଚାଷୀ, ଯୁଆନ୍ ପିଢ଼ି, ଗରିବ୍ ଆଉ ଦଲିତ୍ ମାନ୍‌କର୍ ବିକାଶ୍ ଦିଗେ ସର୍‌କାର୍‌ଙ୍କର୍ ଅହରହ ଚେରେଷ୍ଟାକେ ଦର୍ଶେଇଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

## ମୁଖ୍ୟମନ୍ତ୍ରୀ- ଓଡ଼ିଶା ଏଂଟର୍‌ପ୍ରାଇଜ୍ ଏକ୍ସ/I & PR

ରାଜ୍ୟ ସର୍‌କାର୍‌ଙ୍କର୍ ନୀତି ଭିତିକ୍ ଆଭିମୁଖ୍ୟ ଓଡ଼ିଶା ନ ପୁଞ୍ଜିନିବେଶ୍‌କେ ତୁର୍‌ତି କର୍‌ବାର୍ ସହେତେ ଗୁଟେ ବର୍‌କସ୍ ଶିଳ୍ପ ପରିବେଶ୍ ତିଆର୍ କର୍‌ବାର୍ ଲାଗି ସଂକଳ୍ପ ବଦ୍ଧ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସୁନ୍ଦର୍‌ଗଡ଼୍ ଜିଲ୍ଲା ରାଉର୍‌କେଲା ନ ହେଇଥିବା ଏଂଟର୍‌ପ୍ରାଇଜ୍ ଓଡ଼ିଶା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୩ ଟା ଶିଳ୍ପ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ଶିଳ୍ପ ଉଦ୍ୟୋଗୀ ଆଉ ଅଂଶୀଦାର୍‌ମାନ୍‌କର୍ ସଙ୍ଗେ ପୁଞ୍ଜିନିବେଶ୍ ଲାଗି ଆଲୋଚନା ଭିଲ୍ କରିଛନ୍ । ଓଡ଼ିଶାକେ ଦେଶର୍ ଶିଳ୍ପ ହବ୍ ଭାବେ ଗଢ଼୍‌ବାର୍ ଲାଗି ସର୍‌କାର୍ ଅହରହ ଚେରେଷ୍ଟା ଚଲେଇଛନ୍ ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

୨୩ ଟା ଶିଳ୍ପ ପ୍ରକଳ୍ପ ଜରିଏ ରାଏଜେ ୩୫ ହଜାର୍ ୮ ଶହ କୋଟି ଟଙ୍କା ପୁଞ୍ଜିନିବେଶ୍ ହେବା । ଇତାର୍ ଜରିଏ ୧୧ ହଜାର୍ ୮ ଶହ ୮୪ ନୁ ଅଏତ୍କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ମାଇନିଂ କର୍ପୋରେସନ୍ ଓଏମ୍ସିର ପେଭିଲଅନ୍ ଉଦ୍ଘାଟନ୍ କର୍ବାର୍ ସହେତେ ପରିଦର୍ଶନ୍ କରିଥିଲେ ।

ଅଜିତ୍ ପାୱାର୍ ପରଲୋକ ଏନ୍ଏସ୍ଡି

ମହାରାଷ୍ଟ୍ରର୍ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର୍ଙ୍କର୍ ଆଏଜ୍ ବିମାନ୍ ଦୁର୍ଘଟଣାଥି ପରଲୋକ୍ ହେଇଛେ । ସୂଚ୍ନା ଅନ୍ସାରେ ଦୁର୍ଘଟଣା ସମିଆଥି ବିମାନ୍ଥି ଅଜିତ୍ ପାୱାର୍ଙ୍କର୍ ସହେତେ ୨ ଝନ୍ ସୁରକ୍ଷା କର୍ମୀ ଆଉ ୨ ଝନ୍ ପାଇଲଟ୍ଙ୍କର୍ ଭିଲ୍ ଜୀବନ୍ ଯାଇଛେ । ଜିଲ୍ଲା ପରିଷଦ୍ ଆଉ ପଂଚାୟତ୍ ସମିତି ନିର୍ବାଚନ୍ ଲାଗି ପୁଣେ ଜିଲ୍ଲା ବାରାମତୀ ନ ଉପମୁଖ୍ୟମନ୍ତ୍ରୀ ଗୁଟେ ଜନସଭାଥି ଉଦ୍ବୋଧନ୍ ଦେବାର୍କେ ଯାଉଥିବାର୍ ବେଲେ ବାରାମତୀ ବିମାନ୍ ବନ୍ଦର୍ ପାଖେ ଆଏଜ୍ ସଖାଲ୍ବେଲା କେନ୍ସି କାରଣ୍ନୁ ବିମାନ୍ ଦୁର୍ଘଟଣାର୍ ଶିକାର୍ ହେଇଥିଲା । ଘଟ୍ନା ଜାଗା ନ ହିଁ ସମ୍କର୍ ଜୀବନ୍ ଯାଇଥିଲା ବଲି ବେସାମରିକ ବିମାନ୍ ଚଲାଚଲ୍ ମହାନିର୍ଦ୍ଦେଶକଙ୍କର୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଅଜିତ ପାୱାର୍ଙ୍କର୍ ପରଲୋକଥି ମହାରାଷ୍ଟ୍ର

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍ନାବିସ୍ ରାଏଜେ ୩ ଦିନିଆ ଶୋକ ଘୋଷ୍ନା କରିଛନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱର୍ଗତ ପାୱାର୍ଙ୍କର୍ ପରଲୋକ ଗୁଟେ ଅପୂରଣୀୟ କ୍ଷତି ବଲି କହିଛନ୍ । ମହାରାଷ୍ଟ୍ରର୍ ବିକାଶ୍ ଖାସ୍ କରି ସମବାୟ କ୍ଷେତ୍ରଥି ତାଙ୍କର୍ ଭୂମିକା ଲାଗି ସ୍ୱର୍ଗତ ପାୱାର୍ ସବୁବେଲେ ସୁର୍ତା ହେଇକରି ରହେବେ ବଲି ରାଷ୍ଟ୍ରପତି କହିଛନ୍ । ମହାରାଷ୍ଟ୍ରର୍ ଲୋକ୍ମାନ୍କର୍ ସେବାଥି ସବୁବେଲେ ଆଗେ ରହୁଥିବା କଠିନ୍ ପରିଶ୍ରମୀ ଶ୍ରୀ ପାୱାର୍ ଝନେ ସମ୍ମାନ୍ସ୍ୱଦ ବ୍ୟକ୍ତି ଥିଲେ ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱର୍ଗତ ପାୱାର୍ ଝନେ ରାଜନେତା ଆଉ ସମର୍ପିତ ଜନସେବକ ଥିଲେ ବଲି ତାଙ୍କର୍ ଶୋକବାର୍ତାଥି କହିଛନ୍ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, କେନ୍ଦ୍ର  ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ପାୱାର୍ଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇକରି ଶୋକପ୍ରକାଶ୍ କରିଛନ୍ ।

ପରୀକ୍ଷା ପେ ଚର୍ଚ୍ଚା        ପି.ଆଇ.ବି.

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ର ୯ ନମ୍ବର୍ ସଂସ୍କରଣ୍ ଆଏବା ମାସ ହେବା ।

ଚାପମୁକ୍ତ ଭାବେ ପରୀକ୍ଷା ଦେବାର୍ ଲାଗି ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶର୍ ଭିନ୍ ଭିନ୍ ଇଲାକାର୍ ଛାତ୍ରଛାତ୍ରୀ ଆଉ ଅଭିଭାବକ୍‌ମାନ୍‌କର୍ ସଙ୍ଗେ ସିଧାସଲଖ୍ ଭାବ ବିନିମୟ କର୍‌ବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ସାରା ଦେଶେ ଗୁଟେ ଆନ୍ଦୋଲନ୍‌ଥି ପରିଣତ୍ ହେବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଚାପମୁକ୍ତ ପରୀକ୍ଷା ପରିବେଶ୍‌କେ ତହଁକଉଛେ । ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା ଦେଶର୍ ସବୁ କୁନାକେ ପୁହୁଁଚିପାରିଛେ । କାର୍ଯ୍ୟକ୍ରମ୍ ଲାଗି ୬ କୋଟି ୭୬ ଲାଖ୍‌ନୁ ଅଏତ୍‌କା ପଞ୍ଜିକରଣ୍ ହେଇକରି ଗୁଟେ ଐତିହାସିକ୍ ମାଇଲ୍‌ଖୁଁଟା ଥାପ୍‌ନା କରିଛେ ।

ଠିକାଦାର୍ ଡାଟାବେସ୍ ମେନେଜ୍‌ମେଂଟ୍ ସିଷ୍ଟମ୍ ହି.ସ.

ରାଜ୍ୟ ପୂର୍ତ୍ତ ବିଭାଗ୍‌ର ଠିକାଦାର୍ ପରିଚାଲନା ବ୍ୟବସ୍ଥାକେ ଅଏତ୍‌କା ଫଟିକ୍, ସରଲ୍ ଆଉ କାର୍ଯ୍ୟକ୍ଷମ କର୍‌ବାର୍‌କେ ଠିକାଦାର୍ ଡାଟାବେସ୍ ମେନେଜ୍‌ମେଂଟ୍ ସିଷ୍ଟମ୍ - ୩ ନମ୍ବର୍ ଖେପ୍ କେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଏଜ୍ ଶୁଭାରମ୍ଭ କରିଛନ୍ । ପୂର୍ତ୍ତ ବିଭାଗ୍ ଛଡ଼ା ଇ ବ୍ୟବସ୍ଥା ଜଲ୍‌ସମ୍ପଦ୍, ଗୃହ ଆଉ ନଗର୍ ଉନ୍ନୟନ୍, ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ବିଭାଗ୍‌ଥି ଭିଲ୍ ବେଭାର୍ କରାଯିବା । ଗୁଟେ ପେନ୍ ନମ୍ବର୍ ଆଉ ଗୁଟେ ଲାଇସେନ୍ସ ବ୍ୟବସ୍ଥା ଜରିଏ ଦୁର୍ନୀତି କମ୍ କର୍‌ବାର୍ ଆଉ କାମ୍‌ର ଗୁଣବତା

ବଢ଼ାବାର୍ ଉପ୍‌ରେ ଇତାର୍ ଜରିଏ ନଜର୍ ରଖାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ସେଆଢ଼େ ବିଭାଗ୍ ତର୍‌ଫୁ ଇ-ଆଇବି ଡିଜିଟାଲ୍ ବୁକିଂ ପ୍ଲାଟ୍‌ଫର୍ମର ଭିଲ୍ ଶୁଭାରମ୍ଭ ହେଇଛେ । ପୂର୍ତ ବିଭାଗ୍ ଅଧୀନ୍‌ଥି ଥିବା ଭୁବ୍‌ନେଶ୍ୱର୍, ପୁରୀ ଆଉ କୋଣାର୍କ ନ ଡାକ୍‌ବଙ୍ଗ୍‌ଲାମାନ୍‌କର୍ ବହି ପ୍ରକ୍ରିୟାକେ ଇ ପ୍ଲାଟ୍‌ଫର୍ମ ସହଜ୍ ଆର୍ ସରଲ୍ କର୍‌ବା । ଅନ୍‌ଲାଇନ୍ ଜରିଏ ରୁମ୍ ବୁକିଂ ଆଉ ବାତିଲ୍ ବ୍ୟବସ୍ଥା ସଙ୍ଗେ ସବୁ ସୂଚ୍‌ନା ମିଲିପାର୍‌ବା ।

ପୂର୍ତ ବିଭାଗ୍ ସମୀକ୍ଷା ହି.ସ.

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ନିର୍ମାଣ୍ ବିଭାଗ୍‌ର ସମୀକ୍ଷା ବୈଠକ୍ ଆଏଜ୍ ହେଇଯାଇଛେ । ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ୫୦ କୋଟିନୁ ଅଏତ୍‌କା ଟଙ୍କାର୍ ୮୨ ଟା ପ୍ରକଳ୍ପର୍ ସମୀକ୍ଷା କରାଯାଇଥିଲା । ସେଥିରଭିତ୍‌ରେ ୨୯ ଟା ଜାତୀୟ ରାଜପଥ ପ୍ରକଳ୍ପ, ଓବିସିସିର ୨୧ ଟା ପ୍ରକଳ୍ପ, ରାସ୍ତା ବିଭାଜନ୍, ବ୍ରିଜ୍ ତିଆରି ଆଉ କୋଠାବାଡ଼ି ତିଆରିର ୧୨ ଟା ଲେଖା ପ୍ରକଳ୍ପ ରହିଛେ । ଇ ସବୁ ପ୍ରକଳ୍ପ କେତେ ଦିନ୍ ଭିତ୍‌ରେ ସର୍‌ବା ତାର୍ ସମିଆ ଧାରିଜ୍ କରାଯାଇଛେ । ଭିନ୍ ଭିନ୍ ବିଭାଗ୍‌ର ଅଟ୍‌କି ରହିଥିବା ସମସ୍ୟା ମାନ୍‌କର୍ ତୁର୍‌ତି ସମାଧାନ୍ କରାଯାଇକରି ପ୍ରକଳ୍ପ କାମ୍‌କେ ଆଗ୍‌କେ

ବଢ଼ାବାର୍ ଲାଗି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କଟକ୍ କେନ୍ଦ୍ର ପ୍ରତିଷ୍ଠା ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶବାଣୀ କଟକ୍ କେନ୍ଦ୍ର ଆଏଜ୍ ତାର୍ ୭୯ ତମ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ୧୯୪୮ ମସିହା ଆଜିର୍ ଦିନେ କଟକ୍ ନ ଆକାଶ୍‌ବାଣୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଭିନ୍ ଭିନ୍ ବର୍ଗର ଶ୍ରୋତାଙ୍କର୍ ଲାଗି ଭିନ୍ ଭିନ୍ ସ୍ୱାଦର କାର୍ଯ୍ୟକ୍ରମ୍ ପରିବେଷଣ୍ କରିକରି କଟକ୍ କେନ୍ଦ୍ର ଆଏଜ୍ ଗୁଟେ ପୂର୍ଣ୍ଣାଙ୍ଗ ଅନୁଷ୍ଠାନ୍ ହେଇକରି  ଶ୍ରୋତାମାନ୍‌କର୍ ପ୍ରିୟଭାଜନ୍ ହେଇପାରିଛେ । ଇ ଅବ୍‌ସରେ ଆକାଶ୍‌ବାଣୀ ତର୍‌ଫୁ ଗୁଟେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଥିଲା । ଆକାଶ୍‌ବାଣୀ କଟକ୍ କେନ୍ଦ୍ରର୍ ମୁଖ୍ୟ ଭି.ଏମ୍.ରତ୍ନ ପ୍ରସାଦ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଆକାଶ୍‌ବାଣୀର୍ ଅଭୁଲା ଇତିହାସ୍‌କେ ସୁର୍‌ତା କରିଥିଲେ ।

ଖଡ଼ିଆଲ୍ ମହୋତ୍ସବ      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହୋତ୍ସବ ୨୦୨୬ ପାଳନ୍ ଲାଗି ଆଏଜ୍ ଶାନ୍ତି କମିଟି ବୈଠକ୍ ହେଇଯାଇଛେ । ମହୋତ୍ସବ କମିଟିର୍ ଅଧ୍ୟକ୍ଷ ଆଉ ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆରକ୍ଷୀ ଅଧିକ୍ଷକ ଅମୃତ୍ ପାଲ୍ ସିଂ ଉପସ୍ଥିତ୍ ରହିକରି ଶାନ୍ତିଶୃଙ୍ଖଲାର୍ ସହେତେ ମହୋତ୍ସବ୍ ପାଳନ୍ ଲାଗି ଆଲୋଚନା କରିଥିଲେ ।

ତିଲେଶ୍ୱର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତିଲେଶ୍ୱର୍ ହାଇସ୍କୁଲ୍ ପଡ଼ିଆ ନ ଚାଲିଥିବା ତିଲେଶ୍ୱର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ବିହାର୍‌ର ବକ୍ସର୍ ଆର୍ ଓଡ଼ିଶାର୍ ଭଞ୍ଜନଗର୍ ସି.ବି. ଏକାଡେମୀ ଭିତ୍‌ରେ ମେଚ୍ ହେଇଥିଲା । ଇଥି ବିହାର୍ ଦଲ୍ ପେନାଲ୍‌ଟି ସୁଟ୍‌ଆଉଟ୍‌ଥି ୪-୨ ଗୋଲ୍ ଦେଇକରି ଜିତ୍‌ବାର୍ ସହେତେ ଦୁଇ ନମ୍ବର୍ ସେମିଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ବର୍‌ଗଡ଼୍ ୟୁନାଇଟେଡ଼୍ ଆଉ ବିହାର୍ ଦଲ୍ ଭିତ୍‌ରେ ମେଚ୍ ହେବା ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆହୁରି କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ରାଜ୍ୟର୍ ୧୮ ଟା ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।